# Akashvani, Sambalpur

## SAMBALPURI NEWS EVENING BULLETIN

## 4 May 2025- 7.02 pm- 7.12 pm.

**********************************************

୧- ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ କେ ଆଭାସୀ ଜରିଏ ଆଉ କିଛି ସମିଆଥି ସମ୍ବୋଧିତ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ମୁମ୍ବାଇ ଠାନେ ଚାଲିଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଶିଖର୍ ସମ୍ମିଲନୀ ୱେଭ୍‌ସ୍ -୨୦୨୫ର ଆଏଜ୍ ଉଦ୍‌ଯାପନୀ ଦିବସ୍ ।

୩- ମତଦାତାମାନ୍‌କର୍ ସୁବିଧା ଲାଗି ଖୋବ୍ ଜଲ୍‌ଦି ଏକକ ଇସିଆଇ ନେଟ୍ ଆପ୍ ମୁଲ୍ କର୍‌ବେ ଭାରତର ନିର୍ବାଚନ୍ ଆୟୋଗ୍ ।

ଆଉର୍

୪- ଅଗ୍ନିଶମ କର୍ମଚାରୀମାନ୍‌କର୍ ସାହସ୍, ବୀରତା ଆଉ ବଳିଦାନ୍‌କେ ସୋର୍ କରିକରି ଆଏଜ୍ ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ୍ ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଆଉ କିଛି ସମିଆ ଉତ୍‌ରୁ ବିହାର୍‌ର ପାଟ୍‌ନା ଠାନେ ଉଦ୍‌ଘାଟିତ୍ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ଜରିଏ ଇ କାର୍ଯ୍ୟକ୍ରମ୍‌କେ ସମ୍ବୋଧନ୍ କର୍‌ବେ । ସୂଚ୍‌ନା ଅନ୍‌ସାରେ ଆଏବା ୧୫ ତାରିଖ୍‌ତକ୍ ବିହାର୍‌ର ୬ ଟା ସହରେ ପ୍ରତିଯୋଗିତା ମାନ୍ ହେବା । ଭିନ୍ ଭିନ୍ ବର୍ଗଥି ୮ ହଜାର୍ ୫ ଶହ ନୁ ଅଏତ୍‌କା ଖେଲାଲି ଭାଗ୍ ନେଇଛନ୍ ।

ୱେଭ୍‌ସ-୨୦୨୫ ଏନ୍‌ଏସ୍‌ଡି

ମୁମ୍ବାଇ ନ ଚାଲିଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ - ୱେଭ୍‌ସ୍ -୨୦୨୫ ର ଆଏଜ୍ ଉଦ୍‌ଯାପନୀ ଦିବସ୍ । ଚଳଚ୍ଚିତ୍ର ନିର୍ମାଣ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ସମ୍ମିଲନୀଥି ଆଏଜ୍ ଖାସ୍ ସମାରୋହ ହେଇଯାଇଛେ । ଭିନ୍ ଭିନ୍ ଷ୍ଟାଟ୍‌ଅପ୍ କମ୍ପାନୀର୍ ମୁଖ୍ୟ ଆଉ ଅଂଶୀଦାର୍‌ମାନେ ଯୋଗ୍ ଦେଇକରି ବହୁତ୍‌ଟେ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରିଛନ୍ । ୱେଭ୍‌ସ ସମ୍ମିଲନୀଥି 'ୱେଭ୍-ଏକ୍ସ' ଗୁଟେ ଷ୍ଟାଟଅପ୍ ତ୍ୱରାନ୍ୱିତ୍ କାର୍ଯ୍ୟକ୍ରମ୍ ଯେନ୍‌ଟା ୧୫ ଟା ଷ୍ଟାଟଅପ୍ ଲାଗି ପାଣ୍ଠି ଠୋଲ୍ କର୍‌ବା

ବଲି ଆଇ.ଏ.ଏମ୍.ଏ.ଆଇ. ର ମୁଖ୍ୟ ସନ୍ଦିପ୍ ଝିଙ୍ଗ୍ରାନ୍ କହିଛନ୍ । ଇହାଦେତକ୍ ଶହେ ୧୦ ଟା ଷ୍ଟାଟ୍ଅପ୍ ପେଭିଲିଅନ୍ ଅଫ୍ ୱେଭ୍ସ୍ଥି ପଞ୍ଜିକୃତ କରିକରି ନିଜର୍ ମତାମତ୍ ରଖିଛନ୍ । ‘ନିର୍ମାତାଙ୍କୁ ଯୋଡ଼ିବା- ଦେଶ ଯୋଡ଼ିବା’ ବିଷେ ଆଧାର୍ଥି ହେଇଥିବା ୪ ଦିନ୍ ଧରିକରି ଇ ଶିଖର୍ ସମ୍ମିଲନୀକେ ଗଲା ଗୁରୁବାର୍ ଦିନ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ଘାଟନ୍ କରିଥିଲେ । ଗଣମାଧ୍ୟମ୍-ମନୋରଞ୍ଜନ୍ ଆଉ ଡିଜିଟାଲ୍ ଉଦ୍ଭାବନ୍ କ୍ଷେତ୍ରଥି ଦେଶ୍କେ ସାରା ପୁର୍ଥି ନ ଗୁଟେ ଉଚ୍ଚାଜାଗାଥି ପୁହୁଁଚାବାର୍ ଲକ୍ଷ୍ୟ ନେଇକରି ଇ ଶିଖର୍ ସମ୍ମିଲନୀ ଆୟୋଜିତ୍ ହେଇଥିଲା । ଇଥି ୯୦ ନୁ ଅଏତ୍କା ଦେଶର୍ ପାଖାପାଖି ୧୦ ହଜାର୍ନୁ ଅଏତ୍କା ପତ୍ରିନିଧି ଭାଗ୍ ନେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ରାଏଜେ ବଢ଼୍ତି ଖରାକେ ନଜର୍ଥି ରଖିକରି ଆଏବାକାଏଲ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଶ୍ରୀମନ୍ଦିର୍ ପ୍ରଶାସନ୍ ବୈଠକ୍        ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମବଙ୍ଗ୍ର ଦିଘା ଠାନେ ଜଗନ୍ନାଥ୍ ମନ୍ଦିର୍ ପ୍ରତିଷ୍ଠା ଘଟ୍ନାକେ ନେଇକରି ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ୨ ଟା ଖେପେ ବୈଠକ୍ ହେଇଯାଇଛେ । ବୈଠକ୍ ଉତ୍ରୁ ଦଇତାପତି ନିଯୋଗ୍ର ସଭାପତି ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଇ ବାବ୍ଦେ ୭ ଦିନ୍ ଭିତ୍ରେ କୈଫିୟତ୍ ଦେବାର୍ ଲାଗି କୁହାଯାଇଛେ । ଆଘୋନୁ ଦଇତାପତି ନିଯୋଗର ସଭାପତି ଆଉ ସମ୍ପାଦକ୍ ଦୁହେ ମୁଖ୍ୟ ପ୍ରଶାସକଙ୍କୁ ଭେଟିକରି ଲିଖିତ୍ ଭାବେ ନିଜର୍ ମତାମତ୍ ଜନେଇଥିଲେ ।

୨ ନମ୍ବର୍ ଖେପେ ଦେଉଳ କମାଣ୍ଡର୍ , ସୁପର୍ଭାଇଜର୍ ଆଉ ଶ୍ରୀମନ୍ଦିର୍ ଦାୟିତ୍ୱଥି ଥିବା ଖାସ୍ ଅଧିକାରୀମାନ୍କର୍ ସାଙ୍ଗେ ମୁଖ୍ୟ ପ୍ରଶାସକ୍ ବୈଠକ୍ କରିଛନ୍ । ଇଥି ନବକଳେବର ସମିଆଥି ଅଗ୍ଲିଥିବା ଦାରୁ ବାବ୍ଦେ ଆଲୋଚନା କରାଯାଇଥିଲା ।

ସେଆଡ଼େ ଆଏଜ୍ ଉପର୍ବେଲା ୫ ବଜେତକ୍ ଘଟ୍ନା ବାବ୍ଦେ ସ୍ୱଷ୍ଟିକରଣ୍ ଦେବାର୍ ଲାଗି ସବୁ ନିଯୋଗ୍ଙ୍କୁ ସମୟସୀମା ଧାରିଜ୍ କରାଯାଇଥିଲା । ଗଲାକାଏଲ୍ ପହେଲା ଖେପେ ଦେଉଳକରଣ, ଚଢ଼ାଉକରଣ, ପାଟଯୋଷୀ ମହପାତ୍ରଙ୍କର୍ ସହେତେ ଆଲୋଚନା ଉତ୍ରୁ ୨ ନମ୍ବର୍ ଖେପେ ତିନ୍‌ହି ବାଡ଼ଗ୍ରାହୀ ଆଉ ୩ ନମ୍ବର୍ ଖେପେ ତିନ୍‌ହି ବିଶ୍ୱକର୍ମା ମହାରଣାଙ୍କର୍ ସାଙ୍ଗେ ଆଲୋଚନା ହେଇଥିଲା ।

ପ୍ରଶାସନିକ ସୀମା ପୁନର୍ଗଠନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଶାସନିକ ସୀମା ପୁନର୍ଗଠନ୍‌କେ ନେଇକରି ରାଜସ୍ୱ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ସମୟସୀମା ଆଏବା ମାସ ୩୦ କେ ଧାରିଜ୍ କରାଯାଇଛେ । ଇଥିର୍‌ଭିତ୍‌ରେ ସବୁ ଜିଲ୍ଲା ସବ୍‌ଡିଭିଜନ୍, ତହସିଲ୍, ରାଜସ୍ୱ ଗାଁ ଆଉ ପୌରସଂସ୍ଥାମାନ୍‌କର୍ ଲାଗି ସୀମା ପୁନର୍ଗଠନ୍ ପ୍ରକ୍ରିୟା ଶେଷ୍ କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ନୂଆଁ ରାଜସ୍ୱ ଗାଁ ପୌର ସଂସ୍ଥା, ଏନ୍‌ଏସି, ମ୍ୟୁନିସିପାଲ୍‌ଟି ଗଠନ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ପାଖେ ପ୍ରସ୍ତାବ୍ ବିଚାରାଧୀନ୍ ରହିଛେ । ସୀମା ପୁନର୍ଗଠନ୍ ହେଲେ ନୂଆଁ ରାଜସ୍ୱ ଗାଁ ଆଉ ଏନ୍‌ଏସି ଗଠନ୍ ପ୍ରକ୍ରିୟା ସମ୍ଭବ୍ ହେଇପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଏସ୍‌ଏଚ୍‌ଜି ମହିଳା- ଜଲଯୋଗାଣ ହି.ସ.

ରାଜ୍ୟର୍ ଲୁକ୍‌କୁ ସଫା ପିଇବାର୍ ପାଏନ୍ ଯୁଗାବାର୍ ଦାୟିତ୍ୱ ଏତ୍‌କର ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍‌କୁ ଦିଆଯିବା ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲ

ଯୋଗାଣ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଆଏବା ଦିନେ ସର୍କାର୍ ସବୁ ବ୍ଲକ୍‌ନୁ ପାଏନ୍‌ର ମାନ ପରୀକ୍ଷା ଲାଗି ଲେବ୍ ଥାପ୍‌ନା କର୍‌ବେ ଆଉ ଏସ୍‌ଏଚ୍‌ଜି ମହିଳାମାନ୍‌କୁ ପିଇବାର୍ ପାଏନ୍ ପରୀକ୍ଷଣ୍‌ର ତାଲିମ୍ ଦେବାର୍ ସହେତେ ଖାସ୍ କିଟ୍ ଦିଆଯିବା । ସବୁ ଗାଁ ନ ଝନେ ମହିଳା ସଫା ପିଇବାର୍ ପାଏନ୍ ଯୁଗାବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ଦାୟିତ୍ୱଥି ରହେବେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଇସିଆଇ ନେଟ୍ ଆପ୍ ଏନ୍‌ଏସ୍‌ଡି

ଭାରତ୍‌ର ନିର୍ବାଚନ୍ ଆୟୋଗ୍ ବହୁତ୍ ଜଲ୍‌ଦି ଭୋଟର୍ ମାନ୍‌କର୍ ଲାଗି 'ଏକକ ଇସିଆଇ ନେଟ୍ ଆପ୍' ମୁଲ୍ କର୍‌ବାର୍ ଲାଗି ଯାଉଛନ୍ । ଆୟୋଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ଆପ୍ ଜରିଏ ୱେବ୍ ଆପ୍ଲିକେସନ୍ ମାନ୍‌କୁ ସମନ୍ୱିତ କରାଯିବାର୍ ସହେତେ ୪୦ ନୁ ଅଏତ୍‌କା ଅଲ୍‌ଗା ମୋବାଇଲ୍ ଆପ୍‌କେ ଏକିକୃତ କରାଯାଇଛେ । ମତଦାନ୍, ନିର୍ବାଚନ୍ ଅଧିକାରୀ, ରାଜନୈତିକ୍ ଦଲ୍ ଆଉ ନାଗରିକ୍‌ମାନ୍‌କର୍ ଲାଗି ଇଟା ଗୁଟେ ନୂଆଁ ବ୍ୟବସ୍ଥା ଭାବେ କାମ୍ କର୍‌ବା । ନିର୍ବାଚନ୍ ବାବଦ୍ ସବୁ ସୂଚ୍‌ନା ଇ ଆପ୍ ଜରିଏ ଏକାଥର୍‌କେ ମିଲିପାର୍‌ବା ବଲି ଆୟୋଗ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ସମ୍ମିଳନୀଥି ଗଲା ମାର୍ଚ୍ଚ

ମାସେ ଭାରତ୍‌ର ନିର୍ବାଚନ୍ ଆୟୋଗ୍ ଜ୍ଞାନେଶ୍ କୁମାର୍ ଇ ବାବ୍‌ଦେ ଘୋଷ୍‌ନା କରିଥିଲେ ।

ବାବା ଶିବାନନ୍ଦ ଦେହାନ୍ତ ଏନ୍‌ଏସ୍‌ଡି

ଯୋଗଗୁରୁ ପଦ୍ମଶ୍ରୀ ବାବା ଶିବାନନ୍ଦଙ୍କର୍ ଶହେ ୨୮ ବଛର୍ ବୟେସେ ବାରାଣାସୀ ନ ଦେହାନ୍ତ ହେଇଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବାବା ଶିବାନନ୍ଦଙ୍କର୍ ଦେହାନ୍ତଥି ଗଭୀର ଶୋକ ପ୍ରକାଶ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ର ଗୁଟେ ବାର୍ତାଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଯୋଗ ଆଉ ଆଧ୍ୟାତ୍ମିକ୍ ଅଭ୍ୟାସ୍ ଲାଗି ବାବା ଶିବାନନ୍ଦଙ୍କର୍ ଉତ୍ସର୍ଗୀକୃତ ଜୀବନ୍ ଦେଶର୍ ସବୁ ପିଢ଼ିକେ ପ୍ରେରଣା ଯୁଗାବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗଗୁରୁ ପଦ୍ମଶ୍ରୀ ଶିବାନନ୍ଦ ବାବାଙ୍କର୍ ପରଲୋକ୍‌ଥି ଶୋକ ପ୍ରକାଶ୍ କର୍‌ବାର୍ ସହେତେ କହିଛନ୍, ତାକର୍ ତପସ୍ୱୀ ଜୀବନ୍- ଯୋଗ ଆଉ ସାଧନା ଲାଗି ସମର୍ପଣ୍ ଆଉ ସମାଜ୍‌ସେବା ଲାଗି ଯୋଗଦାନ୍ ସମ୍‌କୁ ପ୍ରେରଣା ଦେବା ।

ନିଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ତର୍‌ଫୁ ସର୍ବଭାରତୀୟ ସ୍ତର୍‌ଥି ଡାକ୍ତରୀ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ନିଟ୍ - ୨୦୨୫ ଆଏଜ୍ ଦେଶ୍ ଆଉ ବିଦେଶ୍‌ର ୧୩ ଟା ଜାଗା ନ ୫ ହଜାର୍ ୪ ଶହ ୫୩ ପରୀକ୍ଷା କେନ୍ଦ୍ର ନ ହେଇଯାଇଛେ । ରାଏଜେ ନିଟ୍ ପରୀକ୍ଷା ଲାଗି ପଞ୍ଜିକୃତ ହେଇଥିବା ପାଖାପାଖି ୧ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ୨୭ ଟା ପରୀକ୍ଷା କେନ୍ଦ୍ର ନ ପରୀକ୍ଷା ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଦେଶେ ୨୩ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ ।

ଯୁକ୍ତ ଦୁଇ ପରୀକ୍ଷା ଫଲ୍ ହି.ସ.

ଯୁକ୍ତ ଦୁଇ ପରୀକ୍ଷା ଫଲ୍ ଇ ମାସର୍ ୩ ନମ୍ବର୍ ହପ୍ତା ଆଢ଼େ ବାହାରିବା । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା ଆଏଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ମାର୍ଚ୍ଚ ୨୭ ତାରିଖ୍ ଦିନ ଯୁକ୍ତ ଦୁଇ ପରୀକ୍ଷା ଶେଷ୍ ହେଇଥିବାର୍ ବେଲେ ଏପ୍ରିଲ୍ ୨ ତାରିଖ୍‌ନୁ ମେ ୧ ତାରିଖ୍‌ତକ୍ ପରୀକ୍ଷା ଖାତାଦେଖା ହେଇଛେ ।

ଆଇଆଇଏମ୍‌ସି -ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍ସି ଢେଙ୍କାନାଲ୍ ନ ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ ନ ନାଁଲେଖାବାର୍ ଲାଗି ଅନ୍ଲାଇନ୍ ଆବେଦନ୍ ସମିଆକେ ମେ ୧୦ ତାରିଖ୍ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବ୍ସାଇଟ୍ ନୁ ନାଁଲେଖା ଫର୍ମ ଡାଉନ୍ଲୋଡ଼୍ କରିପାର୍ବେ । ଛାତ୍ରଛାତ୍ରୀ ଗୁଗୁଲ୍ ଫର୍ମ ଜରିଏ ଭି଼ଲ୍ ଆବେଦନ୍ କରିପାର୍ବେ ବଲି ଆଇଆଇଏମ୍ସି ତର୍ଫୁ ସୂଚ୍ନା ଦିଆଯାଇଛେ ।

ଡ୍ରପ୍ଆଉଟ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଅଧାନୁ ପାଠ୍ ଛାଡ଼ିଥିବା ଛାତ୍ରଛାତ୍ରୀମାନ୍କୁ ଫେର୍ଘାଏ ବିଦ୍ୟାଳୟକେ ଫିରେଇ ଆନ୍ବାର୍ ଲାଗି ପଦକ୍ଷେପ୍ ନେଉଛନ୍ । ଇଥିର୍ଲାଗି ଗଲାମାସ ୩୦ ତାରିଖ୍ନୁ ସର୍ଭେ କାମ୍ ଚାଲିଛେ । ଘର୍କେ ଘର୍ ଯାଇକରି ତଥ୍ୟ ଠୋଲ୍ କରାଯାଇକରି ଗୁଟେ ତାଲିକା ପ୍ରସ୍ତୁତ୍ କରାଯାଉଛେ । ଇ ସର୍ଭେ ଆଏବା କାଏଲ୍ତକ୍ ଜାରି ରହେବା ।

ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ୍ ଏକ୍ସ

ଅଗ୍ନିଶମ କର୍ମଚାରୀ ମାନ୍‌କର୍ ଅଦମ୍ୟ ସାହସ୍, ବୀରତା ଆଉ ବଳିଦାନ୍‌କେ ସୋର୍ କରିକରି ଆଏଜ୍ ସାରା ପୁର୍‌ଥି ନ ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ୍ ପାଲନ୍ କରାଯାଉଛେ । ଅଗ୍ନିଶମ କର୍ମଚାରୀମାନ୍‌କୁ ସେମାନ୍‌କର୍ ଦୁଃସାହସିକ୍ କାମ୍ ଆଉ ଧନ୍‌ଜୀବନ୍ ରକ୍ଷା କର୍‌ବାର୍ ଲାଗି ନେଉଥିବା ପଦକ୍ଷେପ୍‌କେ ସମ୍ମାନ୍ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ୧୯୯୮ ମସିହା ଡିସେମ୍ବର୍ ୨ ତାରିଖ୍‌ଥି ଅଷ୍ଟ୍ରେଲିଆ ନ ଜଙ୍ଗଲ୍ ଜୁଏ କେ ଲିଭାବାର୍ ଲାଗି ଚେଷ୍ଟା କରୁଥିବାର୍ ବେଲେ ୫ ଝନ୍ କର୍ମଚାରୀଙ୍କର୍ ଜୀବନ୍ ଯାଇଥିଲା । ସେମାନ୍‌କୁ ସମ୍ମାନ୍ ଜନେଇକରି ଫି’ ବଛର୍ ଆଝିର୍ ଦିନ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଇ ଅବ୍‌ସରେ ଅଗ୍ନିଶମ କର୍ମଚାରୀମାନ୍‌କର୍ ବଳିଦାନ୍, ଅଦମ୍ୟ ସାହସ୍, ପ୍ରତିବଦ୍ଧତା, ତ୍ୟାଗ ଆଉ ସେବା ମନୋଭାବ୍‌କେ ସୁର୍‌ତା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ଠାନୁ କାଲ୍ବୈଶାଖୀର୍ ପ୍ରଭାବ୍ ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ବୁଧବାର୍ ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ଆଉ କରାମାଡ଼୍ ହେବାର୍ ସମ୍ଭାବନା ଅଛେ । ପାଣିପାଗ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ମୟୁର୍ଭଞ୍ଜ୍, କୋରାପୁଟ୍ ଆର୍ ମାଲ୍କାନ୍ଗିରି ଜିଲ୍ଲା ନ ଜବର୍ ବର୍ଷା ଆର୍ ଧୁକାଗର୍ଡ଼ି ହେଇପାରେ । ଆଏବା ୪ ଦିନ୍ତକ୍ ପାଗ୍ ଏନ୍ତା ରହେବା ବଲି କେନ୍ଦ୍ର ତର୍ଫୁ କୁହାଯାଇଛେ ।